## ଧାନ ଫସଲ ନଷ୍ଟ କଲେ ହାତୀପଲ

ଠାକୁରମୁଣ୍ଡା,(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା କରଞ୍ଜିଆ ବନଖଣ୍ଡ ସାତକୋଶିଆ ରେଞ୍ଜ୍ ଅନ୍ତର୍ଗତ ଦ୍ୱାରଶୁଣି ଗ୍ରାମରେ ଶୁକ୍ରବାର ରାତିରେ ଶିମିଳିପାଳରୁ ଆସିଥିବା ୮ ଟିକିଆ ହାତୀପଲ ବିଲରେ ପଶି ଚାଷୀମାନଙ୍କ ଧାନ ଫସଲ ନଷ୍ଟ କରିଛନ୍ତି। ରାତିରେ ଧାନ ବିଲରେ ହାତୀପଲ ପଶିଥିବା ନେଇ ଗ୍ରାମବାସୀଙ୍କଠାରୁ ଖବରପାଇ ସାତକୋଶିଆ ରେଞ୍ଜ୍‌ର ବନ କର୍ମଚାରୀମାନେ ପହଞ୍ଚି ଘଉଡ଼ାଇ ଦେଇଥିଲେ। ହାତୀପଲ ଗ୍ରାମର ଧନେଶ୍ୱର ଇଚ୍ଛାଗୁରୁ ଓ ସାନଗି ଇଚ୍ଛାଗୁରୁଙ୍କ ଦୁଇଟି ବିଲର ଧାନ ଗଛ ଖାଇବା ସହ ଦଳି ଚକଟି ନଷ୍ଟ କରିଛନ୍ତି।

## ସଂକ୍ଷେପରେ

### ରଶି ଲଗାଇ ଜୀବନ ହାରିଲେ ବୃଦ୍ଧ

ବଡ଼ସାହି, ୩୦।୭-ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ସାନକେରକୋ ପଞ୍ଚାୟତ ଟିକାୟତପୁର ଗ୍ରାମର ବାନ୍ଧୁ ନାଏକ ନାମକ ବୃଦ୍ଧ ଶନିବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁଯାୟୀ, ତାଙ୍କ ସ୍ତ୍ରୀ ସରସ୍ୱତୀ ସକାଳେ ବିଲକୁ କାମ କରିବାକୁ ଯିବା ପରେ ଘରେ କେହି ନ ଥିବା ସମୟରେ ବାନ୍ଧୁ ଆତ୍ମହତ୍ୟା କରିଥିଲେ। ଗ୍ରାମର ଲୋକେ ତାଙ୍କ ଝୁଲନ୍ତା ମୃତଦେହ ଦେଖି ସରସ୍ୱତୀଙ୍କୁ ଖବର ଦେଇଥିଲେ। ବାନ୍ଧୁଙ୍କର ମସ୍ତିଷ୍କ ବିକୃତି ଥିବାରୁ ସେ ଆଗରୁ ବାରମ୍ବାର ଆତ୍ମହତ୍ୟା ଉଦ୍ୟମ କରିଥିଲେ ବୋଲି ତାଙ୍କ ସରସ୍ୱତୀ କହିଛନ୍ତି। ଏନେଇ ବଡ଼ସାହି ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪୧/୨୨) ରୁଜୁ ହୋଇଛି। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା

କୁଆମରା/ଖୁଣ୍ଟା, ୩୦।୭ (ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ଅଧୀନ ବଣକାଟି ଗ୍ରାମର ମାଳତୀ ସୋରେନ ନାମ୍ନୀ ମହିଳା ବିଷପିଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ମାଳତୀ ଗତ ଗୁରୁବାର ଘରେ ଥିବା ମୂଷାମରା ଔଷଧ ଖାଇ ଦେବାରୁ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି। ପାରିବାରିକ କଳହରୁ ମାଳତୀ ବିଷ ପିଇ ଦେଇଥିବା ପ୍ରାଥମିକ ତଦନ୍ତରୁ ପୋଲିସ ଜାଣିବାକୁ ପାଇଛି। ଶନିବାର ବ୍ୟବଚ୍ଛେଦ କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୪୦/୨୨) ରୁଜୁ କରି ତଦନ୍ତ ଜାରି ରଖିଛି।

### ଝୁଲନ୍ତା ମୃତଦେହ ଜବତ

ଯୋଡ଼ା,୩୦।୭(ଡ.ଏନ.ଏ.): କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ଖଣ୍ଡବନ୍ଧ ଠାରେ ଥିବା ଏକ ଆମ୍ବ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ପୋଲିସ ଜବତ କରିଛି ମୃତକ ହେଲେ କଟକ ଜିଲା ଆଠଗଡ଼ର ପ୍ରଦ୍ୟୁମ୍ନ ପଟ୍ଟନାୟକ। ପ୍ରଦ୍ୟୁମ୍ନ ଟ୍ରକ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ। ସେ ଚଳାଉଥିବା ଟ୍ରକ୍‌ଟି ନିକଟରେ ପାର୍କିଂରେ ଥିବାବେଳେ ହେଲପର ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ତେବେ ପ୍ରଦ୍ୟୁମ୍ନଙ୍କ ମୃତ୍ୟୁର କାରଣ ଜଣା ପଡି ନ ଥିଲେ ହେଁ ପୋଲିସ ବିଭିନ୍ନ ସ୍ଥିତିକୁ ଅନୁଧ୍ୟାନ କରି ତଦନ୍ତ ଆରମ୍ଭ କରିଛି।

### ବଜ୍ରପାତରେ ୨ ଗୁରୁତର

ଚମ୍ପୁଆ, ୩୦।୭(ଡି.ଏନ.ଏ.): କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ କଙ୍କଡାପାଟ ଗ୍ରାମରେ ଶନିବାର ମଧ୍ୟାହ୍ନରେ ହୋଇଥିବା ବଜ୍ରପାତ ପ୍ରଭାବରେ ବିଲରେ କାମ କରୁଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ଗ୍ରାମବାସୀଙ୍କ ସହାୟତାରେ ଚମ୍ପୁଆ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁସାରେ କଙ୍କଡାପାଟ ଗ୍ରାମର ରୀନା ମୁଣ୍ଡା ଓ ଚାନ୍ଦମଣୀ ମୁଣ୍ଡା ବିଲରେ କାମ କରୁଥିଲେ। ଦିନ ୧୨ ଟା ସମୟରେ ବିଲରୁ ଅନତିଦୂରରେ ବଜ୍ରପାତ ହେବାରୁ ଚାନ୍ଦମଣୀ ବେହୋସ ହୋଇଯାଇଥିବା ବେଳେ ରୀନାଙ୍କ ପେଟରେ ଆଘାତ ଲାଗିଛି।

# ଗୁଣି ସନ୍ଦେହରେ ଆକ୍ରମଣ, ୩ ଗିରଫ

ଯୋଡ଼ା,୩୦।୭(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ସହରରେ ଗୁଣି ସନ୍ଦେହରେ ଏକ ପରିବାର ଲୋକଙ୍କୁ ଆକ୍ରମଣ ଅଭିଯୋଗରେ ପୋଲିସ ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ତେଜ ବାହାଦୁର, ବିଜୟ ବାହାଦୁର ଏବଂ ରାହୁଲ ବାହାଦୁର।

ସୂଚନା ଅନୁଯାୟୀ, ଗୋପ ମହାନ୍ତି କଲୋନୀରେ ରହୁଥିବା ତେଜଙ୍କ ମଝିଆ ଭାଇଙ୍କ ପୁଅ ଗତବର୍ଷ ଅସୁସ୍ଥ ହୋଇଥିଲେ। ତାଙ୍କୁ କୌଣସିମତେ ପରିବାର ଲୋକେ ସୁସ୍ଥ କରିଥିଲେ। ତେବେ ଏକ ମାସ ହେଲା ତାଙ୍କ ବଡ଼ ଭାଇ ବିଜୟଙ୍କ ସ୍ତ୍ରୀ ଦୀର୍ଘଦିନ ହେଲା ଅସୁସ୍ଥ ଅଛନ୍ତି। ତାଙ୍କୁ ଚିକିତ୍ସା କରିବା ପରେ ମଧ୍ୟ ସୁସ୍ଥ ହୋଇପାରୁ ନାହାନ୍ତି। ଘର ନିକଟରେ ରହୁଥିବା ସୁଷମା ଗିରିଙ୍କୁ ସେମାନେ ସନ୍ଦେହ କରିବା ସହ ଗୁଣି କରି ଅସୁସ୍ଥ କରୁଥିବା ଅଭିଯୋଗ କରିଆସୁଥିଲେ। ଏହାକୁ କେନ୍ଦ୍ରକରି ପୂର୍ବରୁ ତେଜଙ୍କ ପରିବାର ଏବଂ ସୁଷମା ଓ ତାଙ୍କ ପରିବାର ଲୋକଙ୍କ ମଧ୍ୟରେ ଅନେକ ଥର ଝଗଡ଼ା ହୋଇଥିଲା। ଗତ ଗୁରୁବାର ଅପରାହ୍ନରେ ତେଜ, ତାଙ୍କ ବଡ଼ଭାଇ ବିଜୟ, ପୁତୁରା ରାହୁଲ ଓ ତାଙ୍କର କେତେଜଣ ସହଯୋଗୀ ମିଶି ସୁଷମା ଘରେ ନ ଥିବା ବେଳେ ତାଙ୍କ ଘରକୁ ଯାଇ ବାତ ରୋଗରେ ଆକ୍ରାନ୍ତ ସ୍ୱାମୀ ସୁରେନଙ୍କୁ ଟେକିନେଇ କଚାଡ଼ି ଦେଇଥିଲେ। ସୁଷମାଙ୍କ ପୁଅ କଣ୍ଟଙ୍କୁ ବାଡ଼ିରେ ପିଟିଥିଲେ। ଏପରିକି ତାଙ୍କ ବୋହୂ ଓ ଶାଶୁଙ୍କୁ ଗାଳିଗୁଲଜ ସହ ଅଶାଳୀନ ବ୍ୟବହାର ନେଇ ସୁଷମା ଯୋଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୨୧୧/୨୨) ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି। ତେବେ ଗୁଣିଗାରେଡ଼ି ପରି ଅନ୍ଧବିଶ୍ୱାସ ଯୋଗୁ ଏଭଳି ଘଟଣା ଯୋଡ଼ା, ବଡ଼ବିଲ, ବିଲେଇପଦା, ରୋଇଡ଼ା, ଗୁରୁଡ଼ି ଆଦି ଅଞ୍ଚଳରେ ବାରମ୍ବାର ଘଟୁଥିଲେ ସୁଦ୍ଧା ଏହାକୁ ରୋକିବାରେ କିମ୍ବା ସଚେତନତା ସୃଷ୍ଟି କରିବାରେ ପ୍ରଶାସନ କିମ୍ବା ଅଞ୍ଚଳରେ କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥା (ଏନ୍‌ଜିଓ) ଆନ୍ତରିକତା ଦେଖାଉ ନ ଥିବା ସ୍ଥାନୀୟ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି।

# ଦ୍ୱିତୀୟ ଥର ବଜାର ଭଙ୍ଗା ନିଷ୍ପତ୍ତିକୁ ବିରୋଧ

ଖଇରା, ୩୦।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରକୁ ସୋମବାର ଭାଙ୍ଗିବାକୁ ନୋଟିସ ଆସିବା ପରେ ଶନିବାର ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଛି। ଦ୍ୱିତୀୟ ଥର ପାଇଁ ଏହି ଉଚ୍ଛେଦ ନିଷ୍ପତ୍ତିରେ ପ୍ରଥମ ପର୍ଯ୍ୟାୟରେ ଖଇରା ୟକୋ ବ୍ୟାଙ୍କ ନିକଟରୁ ତୋରାଣିପଦା ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୟକୋ ବ୍ୟାଙ୍କ ନିକଟରୁ ବଣପାରିଆ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ ପାଇଁ ରାଜସ୍ୱ ବିଭାଗର ଏହି ନିଷ୍ପତ୍ତିକୁ ଖଇରା ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦା ଏକଜୁଟ ହୋଇ ବିରୋଧ କରିଛନ୍ତି। ସ୍ଥାନୀୟ ବ୍ୟବସାୟୀଙ୍କ ତରଫରୁ ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବହୁ ବ୍ୟବସାୟୀ ଏବଂ ସେମାନଙ୍କୁ ସମର୍ଥନ କରି ବହୁ ବୁଦ୍ଧିଜୀବୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନର ବିଷୋଦ୍‌ଗାର କରିଛନ୍ତି । ପ୍ରଥମେ ନୋଟିସ କରି ଜରିମାନା ଆଦାୟ କରି ପୁଣି ଭାଙ୍ଗିବା ପାଇଁ ନୋଟିସ ବେଡି ଉପରେ କୋରଡା ବୋଲି କହିଛନ୍ତି । ସେମାନଙ୍କର ଅଭିଯୋଗ ଅନୁଯାୟୀ ୨୦୧୬ରେ ରାସ୍ତା ଓ ଡ୍ରେନ ପୁନଃ ନିର୍ମାଣ ପାଇଁ ତତ୍କାଳୀନ ତହସିଲଦାର ଦେବୀପ୍ରସାଦ ମହାନ୍ତିଙ୍କ ଦ୍ୱାରା ଜବରଦଖଲ ଉଚ୍ଛେଦ ନାମରେ ଶହ ଶହ ବର୍ଷ ଧରି ରାସ୍ତା କଡରେ ଦୋକାନ କରି ଚଳୁଥିବା ଛୋଟବଡ ଦୋକାନୀଙ୍କୁ ହଟାଇ ଦିଆଗଲା । ରାସ୍ତା ଓ ଡ୍ରେନ ନିର୍ମାଣ ପରେ ଯିଏ ଯେମିତି ଅଣ୍ଟାସଳଖି ପୁଣି ନିଜ ଜାଗାରେ ଦୋକାନ ବ୍ୟବସାୟ କରିବା ଆରମ୍ଭ କରିଥିଲେ। ବାସ୍ତବ କ୍ଷେତ୍ରରେ ରାସ୍ତା ନିର୍ମାଣ ବେଳେ ୟୁକୋ ବ୍ୟାଙ୍କ ନିକଟରେ ଠିକାଦାର ପୋଲକୁ ଅଣଓସାରିଆ କରି ଛାଡିଦେବା ଏବଂ ସମ୍ମୁଖ ଭାଗରେ ପାଣି ପଶୁଥିବା ସ୍ଥାନରେ ଜଳ ନିଷ୍କାସନରେ ପର୍ଯ୍ୟାପ୍ତ ବ୍ୟବସ୍ଥା କରା ନ ଯିବା କାରଣରୁ ପରବର୍ତ୍ତୀ ସମୟରେ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀ ନରେଶ ସିଂ କହିଛନ୍ତି, ବିଭାଗ ତରଫରୁ ଡ୍ରେନ ନିର୍ମାଣ ପାଇଁ ଆବଶ୍ୟକ ଜାଗା ଦେବା ପାଇଁ କୁହାଯାଇଛି । ସବୁ ପରେ ଗତ ଖଇରା ବଜାରର ବହୁ ବ୍ୟବସାୟୀ ଓ ବ୍ୟାଙ୍କକୁ ଆସୁଥିବା ଗ୍ରାହକ ବଜାର ଉଚ୍ଛେଦ ବନ୍ଦ ରଖିବା ସହ ୟୁକୋ ବ୍ୟାଙ୍କ କଡରେ ଥିବା ସ୍ଲାବକୁ ନ ଭାଙ୍ଗିବାକୁ ବାଲେଶ୍ୱର ଜିଲାପାଳଙ୍କୁ ଗୁରୁବାର ଲିଖିତ ଭାବେ ଜଣାଇବା ପରେ ଜିଲପାଳ ଏହା ଉପରେ ଅନୁଧ୍ୟାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ଭାଙ୍ଗିବା ପାଇଁ ନିଷ୍ପତ୍ତି ଅଗଣତାନ୍ତ୍ରିକ ବୋଲି ବ୍ୟବସାୟୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ମହେନ୍ଦ୍ର କୁମାର ବେହେରା କହିଛନ୍ତି, ଯେଉଁ ଜାଗାରେ ସରକାରୀ ଜାଗା ଜବରଦଖଲ ହୋଇଛି ତାକୁ ଉଚ୍ଛେଦ କରାଯିବ ଏବଂ ଜଳ ନିଷ୍କାସନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବ।

# ପଞ୍ଚାୟତ ବୁଲିଲେ, ସ୍କୁଲ ତଦାରଖ କଲେ



ପଦ୍ମ ପୋଖରୀ ସୌନ୍ଦର୍ଯ୍ୟକରଣ ବୃଦ୍ଧି ସମ୍ପର୍କରେ ସରପଞ୍ଚଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।

**ରୂପ୍‌ସାରେ ଜିଲାପାଳ**

ରୂପସା, ୩୦।୭(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସା ଥାନା ଅଞ୍ଚଳର ବିଭିନ୍ନ ପଞ୍ଚାୟତ ସମେତ କସିପଦା ପଞ୍ଚାୟତ ହାଇସ୍କୁଲ ଓ ପିଞ୍ଛାବଣିଆ ଆବାସିକ ବିଦ୍ୟାଳୟକୁ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଶନିବାର ପରିଦର୍ଶନ କରିଛନ୍ତି। ତୃତୀୟ ପର୍ଯ୍ୟାୟ ୫ଟିରେ ରୂପାନ୍ତରିତ ହେବାକୁ ଥିବା ଏହି ଦୁଇଟି ସ୍କୁଲର ଭିତ୍ତିଭୂମି ଓ ପାରିପାର୍ଶ୍ୱିକ ସ୍ଥିତିକୁ ସେ ତଦାରଖ କରିଥିଲେ। ଜିଲାପାଳଙ୍କ ସହ ସଦର ବିଡ଼ିଓ ନରେନ୍ଦ୍ର ନାଥ ଖମାରୀ ଉପସ୍ଥିତ ରହି ଛାତ୍ରୀଛାତ୍ର କିପରି ସମସ୍ତ ସୁବିଧାସୁଯୋଗ ପାଇବେ ସେ ସମ୍ପର୍କରେ ପ୍ରଧାନଶିକ୍ଷକଙ୍କୁ ଅବଗତ କରାଇଥିଲେ। ୫ଟିରେ ଥିବା ଅର୍ଥକୁ କେମିତି ଶୀଘ୍ର ସଦ୍‌ବିନିଯୋଗ କରାଯିବ ସେନେଇ ନିର୍ଦ୍ଦେଶ ଦେଇଥିଲେ। କସିପଦା ସ୍କୁଲରେ ଥିବା ଶିକ୍ଷକ ଅଭାବ ସମସ୍ୟା ଦୂର କରିବାକୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହ ଜିଲାପାଳ ଆଙ୍କ ପଞ୍ଚାୟତରେ ଥିବା ପ୍ରସିଦ୍ଧ ପଦ୍ମପୋଖରୀ ବୁଲି ଦେଖିଥିଲେ। ଏହାର କିପରି ସୌନ୍ଦର୍ଯ୍ୟକରଣ ବୃଦ୍ଧି ହେବ ଓ ବିଭିନ୍ନ ଆକର୍ଷଣୀୟ ଫୁଲଗଛ ମାନ ଲଗାଇବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲାପରିଷଦ ସଦସ୍ୟ ସଞ୍ଜୟ କୁମାର ସେଠୀ, ରୂପସା ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ପ୍ରଧାନ, ପଞ୍ଚାୟତ ସଭାପତି ଦେବବ୍ରତ ବିଶ୍ୱାଳ, ସମିତିସଭ୍ୟଙ୍କ ପ୍ରତିନିଧି ପିଙ୍କୁ ବେହେରା, ଆଙ୍କ ସରପଞ୍ଚଙ୍କ ପ୍ରତିନିଧି ଜୟକୃଷ୍ଣ ବେହେରା, ସରପଞ୍ଚ ଜ୍ୟୋତ୍ସ୍ନା ବେହେରା, କସିପଦା ସରପଞ୍ଚ ଗଙ୍ଗାମଣି ବେହେରା, ସମିତି ସଭ୍ୟଙ୍କ ପ୍ରତିନିଧି ବଂଶୀଧର ପଣ୍ଡା, ବିଧାୟକ ପ୍ରତିନିଧି ନିଲୁ ନାୟକ, ଯୁବନେତା ଜଗଦୀଶ ବେହେରା, ବିନୟ ବେହେରା, ପଦ୍ମଲୋଚନ ପଣ୍ଡା, ପଙ୍କଜ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ହାଇୱା ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଭଦ୍ରକ ଅଫିସ, ୩୦।୭

୧୬ ନଂ. ଜାତୀୟ ରାଜପଥ ଭଦ୍ରକ ଗେଲପୁର ଛକ ନିକଟରେ ଶନିବାର ହାଇୱା ଧକ୍କାରେ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ଦ୍ରୁତଗତିରେ ଆସୁଥିବା ହାଇୱାଟି ପ୍ରଥମେ ଜଣେ ସାଇକେଲ ଆରୋହୀଙ୍କୁ ପଛପଟୁ ଧକ୍କା ଦେବା ପରେ ଅନ୍ୟ ଜଣେ ବାଇକ୍ ଆରୋହୀଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଥିଲା। ବାଇକ୍ ଆରୋହୀ ଜଣଙ୍କ ରାସ୍ତାକଡ଼କୁ ଛିଟ୍‌କି ପଡ଼ିଥିଲେ। ସ୍ଥାନୀୟ ଲୋକେ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ତାଙ୍କୁ କଟକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ଗୁରୁତର ବାଇକ୍ ଆରୋହୀ ଗେଲପୁର ଅଞ୍ଚଳର ବୋଲି ଣାପଡ଼ିଛି।

## ବେଆଇନ କରତକଳରେ ଚଢ଼ାଉ ୫ ଲକ୍ଷର ଯନ୍ତ୍ରାଂଶ, କାଠ ଜବତ

ରୂପସା, ୩୦।୭(ଡି.ଏନ.ଏ.)

ବାଲେଶ୍ୱର ଭିଜିଲାନ୍ସ ଓ ବନବିଭାଗ ପକ୍ଷରୁ ଏକ ବେଆଇନ ସ' ମିଲରେ ଶନିବାର ମିଳିତ ଭାବେ ଚଢାଉ କରାଯାଇ ୫ଲକ୍ଷ ଟଙ୍କାର ଯନ୍ତ୍ରାଂଶ ସହିତ ମୂଲ୍ୟବାନ କାଠ ଜବତ କରାଯାଇଛି। ହେଲେ ମିଲ ମାଲିକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାରୁ ତାଙ୍କୁ ଗିରଫ କରାଯାଇପାରିନାହିଁ। ଏନେଇ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି। ବାଲେଶ୍ୱର ଜିଲା ବସ୍ତା ଥାନା ଧିତପୁରାଠାରେ ଦୀର୍ଘଦିନ ଧରି ଏହି ବେଆଇନ କରତକଳ ଚାଲୁଥିବା ନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗ ପାଖରେ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ଭିଜିଲାନ୍ସ ଏସ୍‌ପି ନରହରି ନାୟକଙ୍କ ନିର୍ଦ୍ଦେଶକ୍ରମେ ମାଜିଷ୍ଟ୍ରେଟ ସଦର ଅତିରିକ୍ତ ତହସିଲଦାର ଅତନୁ ପ୍ରଧାନ, ଭିଜିଲାନ୍ସ ଡିଏସ୍‌ପିଦକ୍ଷିଣ ଚରଣ ମୁର୍ମୁ, ଏସିଏଫ୍‌ତପନ ପରିଡା ଓ ଅମର୍ଦ୍ଦାରୋଡ଼ ଫାଣ୍ଡି ପୋଲିସ ସମେତ ଏକ ୩୫ ଜଣିଆ ଟିମ୍ ଚଢ଼ାଉ କରିଥିଲେ। ଏହି ବେଆଇନ କରତକଳରୁ ପ୍ରାୟ ୫ଲକ୍ଷ ଉର୍ଦ୍ଧ୍ୱ ଟଙ୍କାର ଯନ୍ତ୍ରାଂଶ ଓ ମୂଲ୍ୟବାନ କାଠ ଜବତ ହୋଇଥିଲା।

# ରାଜ୍ୟସ୍ତରରେ କୃତୀ ୩ ବିଦ୍ୟାର୍ଥୀ ସମ୍ବର୍ଦ୍ଧିତ



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଛାତ୍ରୀଛାତ୍ର।

ବାରିପଦା ଅଫିସ,୩୦।୭

ମୟୂରଭଞ୍ଜ ଜିଲାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ଦଶମ ଶ୍ରେଣୀ ଛାତ୍ରୀଛାତ୍ର ରାଜ୍ୟସ୍ତରରେ ଉତ୍ତମ ପ୍ରଦର୍ଶନ କରିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ପରୀକ୍ଷାରେ ରାଜ୍ୟର ଶ୍ରେଷ୍ଠ ୧୦ ଓଏଭି ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏହି ଜିଲାର ୩ଜଣ ସ୍ଥାନ ପାଇଛନ୍ତି। ସେମାନେ ହେଲେ ବେତନଟୀ ବ୍ଲକ ଗରୁଡ଼ବସା ଓଏଭିର ଛାତ୍ରୀ ବୈବଶ୍ୱେତା ଆଚାର୍ଯ୍ୟ ପ୍ରଥମ, ପ୍ରୟାସ ପରିଡ଼ା ୩ୟ ଓ ରାସଗୋବିନ୍ଦପୁର ବ୍ଲକ ମହୁଲିଆ ଓଏଭିର ମୀନାକ୍ଷି ମିଶ୍ର ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ଏହି ୩ ଛାତ୍ରୀଛାତ୍ରଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ଜିଲା ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଜିଲାପାଳଙ୍କ ଫେସିଲେଶନ ସମ୍ମିଳନୀ କକ୍ଷରେ ଆୟୋଜିତ ଉତ୍ସବରେ ଜିଲାପାଳ ବିନୀତ ଭରଦ୍ୱାଜ ମୁଖ୍ୟଅତିଥି ଭାବେ ଛାତ୍ରୀଛାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପହାର ଓ ୫୦୦୦ଟଙ୍କା ଲେଖାଏ ବ୍ୟାଙ୍କ ଚେକ୍ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରଛନ୍ତି। ସେମାନଙ୍କ ଉଚ୍ଚ ଶିକ୍ଷା ପାଇଁ ଆବଶ୍ୟକ ସମସ୍ତ ସହାୟତା ଜିଲା ପ୍ରଶାସନ ପକ୍ଷରୁ ପ୍ରଦାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି ବାରିପଦା ରାଣୀଭୋଳ ବିଦ୍ୟାଳୟକୁ କ୍ରମାଗତ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପୁରସ୍କୃତ କରାଯାଇଛି। ଡେପୁଟୀ ଜିଲାପାଳ ସୁଜୟ କୁମାର ପତି ଓ ଜିଲା ଶିକ୍ଷାଧିକାରୀ ନବକିଶୋର ଗିରି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ତୃପ୍ତି ନାୟକ ମଞ୍ଚ ପରିଚାଳନା କରିଥିଲେ। ଜିଲା ସମଗ୍ର ଶିକ୍ଷା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ। ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'କୃଷ୍ଣଚରଣ ଥିଲେ ନୀରବ ସାରସ୍ୱତ ସାଧକ'

ଭଦ୍ରକ ଅଫିସ,୩୦।୭

ଡ. କୃଷ୍ଣଚରଣ ବେହେରା ପ୍ରବନ୍ଧ ରଚନା, ଗବେଷଣା କରିବାରେ ଓଡ଼ିଆ ସାହିତ୍ୟ ଜଗତରେ ଜଣେ ନୀରବ ସାରସ୍ୱତ ସାଧକ ଥିଲେ ବୋଲି ତାଙ୍କ ୫ମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ଅନୁଷ୍ଠିତ ସ୍ମୃତିସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକଙ୍କ ପୌରୋହିତ୍ୟରେ ଭଦ୍ରକ ନୂଆବଜାର ଭାଗବତ କଲ୍ୟାଣ ମଣ୍ଡପଠାରେ ଅଧ୍ୟାପକ ଡ. କୃଷ୍ଣଚରଣ ବେହେରା ସ୍ମୃତି ସଂସଦ ଆନୁକୂଲ୍ୟରେ ସ୍ମୃତିସଭା ହୋଇଥିଲା। ମୁଖ୍ୟଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ମନିନ୍ଦ୍ର ମହାନ୍ତି, ବରେଣ୍ୟ ଅତିଥି ପ୍ରାଧ୍ୟାପକ ଶୈଳେନ୍ଦ୍ର ମହାପାତ୍ର, ଦୈନିକ ଖବରକାଗଜର ସହଯୋଗୀ ସମ୍ପାଦକ ଡ. ଚିତ୍ତ ରଞ୍ଜନ ବେହେରା ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ସ୍ମୃତି ସଂସଦ ସମ୍ପାଦିକା ଡ. ରାଧାରାଣୀ ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସଭାପତି ଅଜୟ ନାୟକ ପ୍ରାରମ୍ଭିକ ସୂଚନା ଓ ଶାନ୍ତନୁ ରାଉତ ଅତିଥି ପରିଚୟ ଦେଇଥିଲେ। ଆବାହକ କୈଳାସ ପଣ୍ଡା, ସ୍ତମ୍ଭକାର ଅଭୟ ଦ୍ୱିବେଦୀ, ସାହିତ୍ୟିକ ବାବାଜୀ ଚରଣ ପଣ୍ଡା, ପ୍ରାଧ୍ୟାପିକା ମଧୁଶ୍ରୀ ବେହେରା, ଛାତ୍ର ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଗୋଲକ ବିହାରୀ ସାହୁ, ବାବୁଲାଲ ଦାସ, ବାଦଲ ମହାପାତ୍ର, ଅଶୋକ ନାୟକ, କୈଳାସ ମହାପାତ୍ର, ପଦ୍ମନ ରାୟ, ନବକିଶୋର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବୈଲୋଚନ ବେହୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଖବରଦାତାଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

**ଉତ୍କଳ ସାମ୍ବାଦିକ ସଂଘର ସାଧାରଣ ପରିଷଦ ବୈଠକ**

ଧାମନଗର, ୩୦।୭ (ଡି.ଏନ.ଏ.)

ସାମ୍ବାଦିକତା ଏକ ପବିତ୍ର ବୃତ୍ତି। ଖବରଦାତାମାନେ ନିରପେକ୍ଷତା ରକ୍ଷା କରି ନିଷ୍ଠାର ସହ କାର୍ଯ୍ୟ କରିବା ଆବଶ୍ୟକ। ସରକାର ଓ ଜନସାଧାରଣ ଖବରଦାତାମାନଙ୍କ ସ୍ୱାର୍ଥ ଓ ସୁରକ୍ଷା ପ୍ରତି ଦାୟିତ୍ୱବାନ ହେବା ଆବଶ୍ୟକ ବୋଲି ଶୁକ୍ରବାର ଧାମନଗରସ୍ଥିତ ଡ. ଏପିଜେ ଅବଦୁଲ କଲାମ ପାଠାଗାର ପରିସରରେ ଅନୁଷ୍ଠିତ ଉତ୍କଳ ସମ୍ବାଦିକ ସଂଘର ଭଦ୍ରକ ଜିଲା ଶାଖାର ସାଧାରଣ ପରିଷଦ ବୈଠକରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସଂଘର ଜିଲା ଶାଖା ସଭାପତି ରବି ନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଭଦ୍ରକ ଜିଲା ପରିଷଦ ଉପାଧ୍ୟକ୍ଷା ଚୁନିବାଳା ବିଶାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଧାମନଗର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଥାନାଅଧିକରୀ ବନମାଳି ବାରିକ, ସଂଘର ଉପଦେଷ୍ଟା ପ୍ରକାଶ କିଶୋର ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଦୀପ କୁମାର ମହାପାତ୍ର, ଅପୂର୍ବ ରଞ୍ଜନ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଖବରଦାତା ପ୍ରଦୀପ ମହାପାତ୍ର ମଞ୍ଚ ଆହ୍ୱାନ, ଅନିଲ କୁମାର ବାରିକ ଅତିଥି ପରିଚୟ, ରସାନନ୍ଦ ମହାପାତ୍ର ପ୍ରାରମ୍ଭିକ ସୂଚନା ଓ ପ୍ରକାଶ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ।

ଦ୍ୱିତୀୟ ଅଧିବେଶନରେ ଜିଲାସ୍ତରୀୟ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସର୍ବସମ୍ମତି କ୍ରମେ ରବିନାରାୟଣ ଖିଲାରଙ୍କୁ ଜିଲା ସଭାପତି, ଚାରୁଦତ୍ତ ନାୟକଙ୍କୁ କାର୍ଯ୍ୟକାରୀ ସଭାପତି ଓ ଆଶିଷ ଅମିତାଭ ମହାପାତ୍ରଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ ସହ ଅନ୍ୟ ପଦବୀଗୁଡ଼ିକ ପୂରଣ କରାଯାଇଥିଲା। ଏହି ଅବସରରେ ସଂଘର ବରିଷ୍ଠ ସଦସ୍ୟ ତଥା ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ସରପଞ୍ଚ ସଂଗ୍ରାମ ଜେନା ଏବଂ ନୂତନ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ବିଭିନ୍ନ ବ୍ଲକରୁ ବହୁ ଖବରଦାତା ଯୋଗ ଦେଇଥିଲେ। ସୁଧାକର ଦାଶ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଖବରଦାତା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।




ବୈଠକରେ ଉପସ୍ଥିତ ଅତିଥି ଓ ଉତ୍କଳ ସାମ୍ବାଦିକ ସଂଘର ଭଦ୍ରକ ଜିଲା ଶାଖା କର୍ମକର୍ତ୍ତା।

# ବିଜୁଳି ମହୋତ୍ସବ ମାଧ୍ୟମରେ ସଫଳତା ପ୍ରଦର୍ଶନ

**ଅମୃତ ମହୋତ୍ସବ ଉଦ୍‌ଘାଟିତ**

ବାଲେଶ୍ୱର ଅଫିସ, ୩୦।୭




ଅମୃତ ମହୋତ୍ସବ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଭାରତର ସ୍ୱାଧୀନତାର ୭୫ ବର୍ଷକୁ 'ଆଜାଦୀ କା ଅମୃତ ମହୋତ୍ସବ' ଭାବେ ଦେଶରେ ବିଭିନ୍ନ ସ୍ଥାନରେ ପାଳନ କରାଯାଉଥିବା ବେଳେ ଶନିବାର ଶକ୍ତି ମନ୍ତ୍ରାଳୟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟମରେ ବାଲେଶ୍ୱର ସହର ଗାନ୍ଧୀ ସ୍ମୃତି ଭବନ ପରିସରରେ ବିଜୁଳି ମହୋତ୍ସବ ଆୟୋଜିତ ହୋଇଯାଇଛି। ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟୁତ୍‌ର ଉପକାରିତା ଉପରେ ଆଲୋକପାତ କରି ଗତ କିଛିବର୍ଷ ମଧ୍ୟରେ ବିଦ୍ୟୁତ୍ କ୍ଷେତ୍ରର ଅସଂରକ୍ଷିତ ଅଭିବୃଦ୍ଧି ଦର୍ଶାଇଥିବା କହିଥିଲେ। ଅତିଥି ଭାବେ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର, ପାୱାରଗ୍ରୀଡ୍ ଓଡ଼ିଶା ପ୍ରୋଜେକ୍ଟସ ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର, ଏନ୍‌ଆର୍-ଓପିଟିସିଏଲ୍ ଇଡି ଜୟରାମ ସାହୁ, ସିଓଏସ୍-ଟିପିଏନ୍‌ଓଡିଏଲ୍ ନିଲେଶ ପଟଫୋଡ଼େ ଅଂଶଗ୍ରହଣ କରି ଅଧିକରୁ ଅଧିକ ଜନସାଧାରଣଙ୍କ ଅଂଶଗ୍ରହଣ ପାଇଁ ଏବଂ ବିଦ୍ୟୁତ୍ କ୍ଷେତ୍ରର ବିକାଶକୁ ସାଧାରଣ ନାଗରିକଙ୍କ ନିକଟରେ ପହଞ୍ଚାଇବା ପାଇଁ "ଉଜ୍ଜଳ ଭାରତ ଉଜ୍ଜଳ ଭବିଷ୍ୟତ ପାୱାର ୨୦୪୭" ଅନ୍ତର୍ଗତରେ 'ବିଜୁଳି ମହୋତ୍ସବ' ପାଳନ କରାଯାଉଛି। ଏଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଅଧିକାରୀମାନେ ଯୋଜନା ସମ୍ପର୍କରେ ମତପ୍ରକାଶ କରିଥିଲେ। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ସହଯୋଗକୁ ପାଳନ କରିବା ନିମନ୍ତେ ଏବଂ ବିଦ୍ୟୁତ୍ କ୍ଷେତ୍ରର ପ୍ରମୁଖ ସଫଳତାକୁ ପ୍ରଦର୍ଶିତ କରିବା ପାଇଁ ବିଜୁଳି ମହୋତ୍ସବ ଏକ ମାଧ୍ୟମ ଭାବରେ ବ୍ୟବହାର କରାଯାଇଥିବାର ଅତିଥିମାନେ ପ୍ରକାଶ କରିଛନ୍ତି।

୨୦୧୮ରେ ୧୦୦% ଗ୍ରାମ୍ୟ ବିଦ୍ୟୁତୀକରଣ (୧୮,୩୭୪) ଏବଂ ୧୦୦% ଘରୋଇ ବିଦ୍ୟୁତୀକରଣ (୨.୮୬କୋଟି) ହାସଲ କରାଯାଇଛି। ବ୍ୟବସ୍ଥାକୁ ସୁଦୃଢ଼ ନିମନ୍ତେ ୨.୦୨ଲକ୍ଷ କୋଟି ଖର୍ଚ୍ଚ କରି ଗ୍ରାମାଞ୍ଚଳରେ ବିଦ୍ୟୁତ୍ ଯୋଗାଣକୁ ୨୦୧୫ରେ ୧୨ ଘଣ୍ଟାରୁ ନେଇ ବର୍ତ୍ତମାନ ହାରାହାରି ୨୨.୫ ଘଣ୍ଟାକୁ ବୃଦ୍ଧି କରାଯାଇଛି। ଗ୍ରାମ୍ୟ ବିଦ୍ୟୁତୀକରଣ କ୍ଷମତା ବୃଦ୍ଧି – ୨୦୧୪ରେ ୭୬ ଜିଡବ୍ଲ୍ୟୁରୁ ଦ୍ୱିଗୁଣିତ ହୋଇ ବର୍ତ୍ତମାନ ୧୬୦ଜିଡବ୍ଲ୍ୟୁ ହୋଇଛି ଏବଂ ୨୦୨୧ରେ ୪୦% ଗ୍ରାମ୍ୟ ବିଦ୍ୟୁତିକରଣ ଉତ୍ପାଦନ କ୍ଷମତା ମିଶ୍ରଣ ହାସଲ କରି ବିଶ୍ୱସ୍ତରରେ ୪ର୍ଥ ସ୍ଥାନ ପାଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୁକ୍କଡ ନାଟକ ଏବଂ ଶକ୍ତି କ୍ଷେତ୍ରରେ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସାମାଜିକ ଦୂରତା ଏବଂ ମାସ୍କ ପିନ୍ଧିବା ସହ ସମସ୍ତ କୋଭିଡ୍ ସୁରକ୍ଷା ଆଇନଗୁଡ଼ିକ ପାଳନ କରାଯାଇଥିଲା।

